# NATIONAL NEWS BULLETIN (ODIA)

**15 July - 2024**

**Mid Bulletin : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଆସାମ, ଗୁଜୁରାଟ ଏବଂ ଉତ୍ତରପ୍ରଦେଶର ବନ୍ୟା ପରିସ୍ଥିତି ନେଇ ମୁଖ୍ୟମନ୍ତ୍ରୀ ମାନଙ୍କ ସହ ଆଲୋଚନା କଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ।

- ନେପାଳର ନୂତନ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେଲେ କେପି ଶର୍ମା ଓଲି ।

\- ଶ୍ରୀ ଓଲିଙ୍କୁ ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଗୁଜୁରାଟର ଏକ ସଡ଼କ ଦୁର୍ଘଟଣାରେ ୬ଜଣଙ୍କର ମୃତ୍ୟୁ ।

- ଭାରତ ଏବଂ ମାର୍ଶଲ ଦ୍ୱୀପପୁଞ୍ଜ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବହୁ ପୁରାତନ - କହିଲେ ବୈଦେଶିକ ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ।

ଏବଂ

- ଆର୍ଜେଣ୍ଟିନା କୋପା ଆମେରିକା ଫୁଟବଲ ଚାମ୍ପିୟନ ।

## ଅମିତ ଶାହା-ଫ୍ଲଡ ଷ୍ଟେଟ୍‌ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆସାମ, ଗୁଜୁରାଟ ଏବଂ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କ ସହ ବନ୍ୟା ପରିସ୍ଥିତି ନେଇ ଆଲୋଚନା କରିଛନ୍ତି । ସେହି ରାଜ୍ୟ ଗୁଡ଼ିକର ବନ୍ୟା ପରିସ୍ଥିତିର ଅନୁଧ୍ୟାନ କରିଛନ୍ତି । ଶ୍ରୀ ଶାହା ଏହିସବୁ ରାଜ୍ୟର ନଦୀ ଜଳସ୍ତର ସ୍ଥିତି ନେଇ ପଚାରି ବୁଝିଥିଲେ । ପରିସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ତରଫରୁ ସବୁପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ଶାହା ପ୍ରତିଶ୍ରୁତି ଦେଇଛନ୍ତି ।

## ପିଏମ୍-ଚିଫ୍ ମିନିଷ୍ଟର

ମେଘାଳୟର ମୁଖ୍ୟମନ୍ତ୍ରୀ କନ୍‌ରାଡ କେ. ସାଙ୍ଗମା ଆଜି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ଆଜି ଅପରାହ୍ଣରେ ପ୍ରଧାନମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି ।

## ନେପାଳ-ପିଏମ୍

ନେପାଳର ପ୍ରଧାନମନ୍ତ୍ରୀ ଭାବେ କେପି ଶର୍ମା ଓଲି ଆଜି ଶପଥ ଗ୍ରହଣ କରିଛନ୍ତି । କାଠମାଣ୍ଡୁସ୍ଥିତ ରାଷ୍ଟ୍ରପତି ଭବନ ଶୀତଳ ନିବାସଠାରେ ଏକ ସମାରୋହରେ ଶ୍ରୀ ଓଲିଙ୍କୁ ରାଷ୍ଟ୍ରପତି ରାମଚନ୍ଦ୍ର ପୌଡେଲ ଶପଥପାଠ କରାଇଥିଲେ । ଶ୍ରୀ ଓଲିଙ୍କ ସହ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନ୍ୟ ୨୧ଜଣ

ସଦସ୍ୟ ମଧ୍ୟ ଶପଥଗ୍ରହଣ କରିଥିଲେ । ପୁଷ୍ପକମଲ ଦହଲ ପ୍ରଚଣ୍ଡ ଆସ୍ଥା ଭୋଟ୍‌ରେ ପରାଜିତ ହେବା ପରେ ଗତ ଶୁକ୍ରବାର ଦିନ ଶ୍ରୀ ଓଲିଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିଥିଲେ । ସିପିଏନ୍-ୟୁଏମ୍‌ଏନ୍ ମେଣ୍ଟର ନେତା ଶ୍ରୀ ଓଲି ସରକାର ଗଠନ ନେଇ ରାଷ୍ଟ୍ରପତିଙ୍କ ପାଖରେ ଦାବି ଉପସ୍ଥାପନ କରିଥିଲେ । ଶ୍ରୀ ଓଲିଙ୍କୁ ୟୁଏମ୍‌ଏନ୍ ଦଳର ୭୭ଜଣ ସଦସ୍ୟ ଏବଂ ଏନ୍‌ସିର ୮୮ଜଣ ସଦସ୍ୟଙ୍କର ସମର୍ଥନ ରହିଛି ।

ନେପାଳର ପ୍ରଧାନମନ୍ତ୍ରୀ ଭାବେ କେପି ଶର୍ମା ଓଲି ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ମୋଦୀ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି ଭାରତ ଓ ନେପାଳ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ମଜଭୁତ କରିବା ଉପରେ ଆଶାବ୍ୟକ୍ତ କରିଛନ୍ତି । ଦ୍ୱିପାକ୍ଷିକ ସହଯୋଗକୁ ଆହୁରି ବ୍ୟାପକ କରିବା ଉପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଗୁରୁତ୍ୱାରୋପ କରିଛନ୍ତି ।

## ଫରେନ୍ ସେକ୍ରେଟାରୀ

ଭାରତୀୟ ବୈଦେଶିକ ସେବା ଅଧିକାରୀ ବିକ୍ରମ ମିଶ୍ରି ଆଜି ବିଦେଶ ସଚିବ ଭାବେ ଦାୟିତ୍ୱଗ୍ରହଣ କରିଛନ୍ତି । ବିଦେଶ ସଚିବ ଭାବେ କାର୍ଯ୍ୟ କରୁଥିବା ବିନୟ ମୋହନ କ୍ୱାତ୍ରାଙ୍କର ଗତକାଲି କାର୍ଯ୍ୟକାଳ ଶେଷ ହେବା ପରେ ଶ୍ରୀ ମିଶ୍ରି ତାଙ୍କ ସ୍ଥାନରେ ଅବସ୍ଥାପିତ ହୋଇଛନ୍ତି । ଶ୍ରୀ ମିଶ୍ରି ୧୯ଶହ ଅଣାନବେ ବ୍ୟାଚ୍‌ର ଆଇ.ଏଫ୍.ଏସ୍ ଅଧିକାରୀ । ସେ ଜାତୀୟ

ସୁରକ୍ଷା ପରିଷଦ ସଚିବାଳୟରେ ଉପଜାତୀୟ ସୁରକ୍ଷା ପରାମର୍ଶଦାତା ଭାବେ କାର୍ଯ୍ୟରତ ଥିଲେ । ଶ୍ରୀ ମିଶ୍ରି ଚୀନ୍, ମ୍ୟାମାଁର ଏବଂ ସ୍ପେନ୍‌ରେ ଭାରତୀୟ ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଛନ୍ତି । ସେ ତିନିଜଣ ପ୍ରଧାନମନ୍ତ୍ରୀ ଇନ୍ଦ୍ର କୁମାର ଗୁଜୁରାଲ, ମନମୋହନ ସିଂହ ଏବଂ ନରେନ୍ଦ୍ର ମୋଦୀଙ୍କ ବ୍ୟକ୍ତିଗତ ସଚିବ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

## ବାଂଲାଦେଶ-ତିସ୍ତା ପ୍ରୋଜେକ୍ଟ

ପଡୋଶୀ ବାଂଲାଦେଶର ହିତକୁ ଦୃଷ୍ଟିରେ ରଖି ତିସ୍ତା ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଭାରତ ପଦକ୍ଷେପ ନେବା ଉଚିତ୍ ବୋଲି ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନା କହିଛନ୍ତି । ଢ଼ାକାଠାରେ ଗତକାଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନିରେ ଶେଖ୍ ହସିନା ଏହା କହିଛନ୍ତି । ତାଙ୍କର ଚୀନ୍ ଗସ୍ତ ପରିପ୍ରେକ୍ଷୀରେ ଏହି ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା । ତିସ୍ତା ପ୍ରକଳ୍ପ ନେଇ ଚୀନ୍ ପକ୍ଷରୁ କିଛି ପ୍ରସ୍ତାବ ଦିଆଯାଇଛି ଏବଂ ଭାରତ ପକ୍ଷରୁ ମଧ୍ୟ ଏହି ପ୍ରକଳ୍ପ ନେଇ କିଛି ତଥ୍ୟ ଉପସ୍ଥାପନ କରିଛି ବୋଲି ସେ କହିଛନ୍ତି ।

ସେ କହିଛନ୍ତି ଭାରତ ପକ୍ଷରୁ ଦିଆଯାଇଥିବା ପ୍ରସ୍ତାବକୁ ବାଂଲାଦେଶ ପ୍ରାଥମିକତା ଦେବ । ବାଂଲାଦେଶର ହିତକୁ ଦୃଷ୍ଟିରେ ରଖି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଭାରତ ପକ୍ଷରୁ ନିଆଯିବାକୁ ଥିବା ପଦକ୍ଷେପକୁ ବାଂଲାଦେଶ ଆବଶ୍ୟକ ସହଯୋଗ ପ୍ରଦାନ କରିବ ବୋଲି ସେ କହିଛନ୍ତି ।

ସେ ଆହୁରି କହିଛନ୍ତି ଭାରତ ଦ୍ୱାରା କରାଯାଉଥିବା ସମୀକ୍ଷା ପରିପ୍ରେକ୍ଷୀରେ ବାଂଲାଦେଶ ପାଇଁ ଉପଯୁକ୍ତ ପଦକ୍ଷେପକୁ ତାଙ୍କ ସରକାର ସମର୍ଥନ ପ୍ରଦାନ କରିବ । ସେ କହିଛନ୍ତି ଭାରତ ଏବଂ ବାଂଲାଦେଶରେ ୫୪ଟି ସାଧାରଣ ନଦୀ ରହିଛି । ବନ୍ୟା ପରିଚାଳନା, ଆଗୁଆ ସତର୍କ ସୂଚନା ଏବଂ ପାନୀୟଜଳ ପ୍ରକଳ୍ପ ପାଇଁ ଉଭୟ ଦେଶ ପରସ୍ପରକୁ ସହଯୋଗ ପ୍ରଦାନ କରୁଛନ୍ତି ବୋଲି ସେ କହିଛନ୍ତି ।

ସୂଚନାଯୋଗ୍ୟ ବାଂଲାଦେଶ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ନିକଟ ଅତୀତରେ ଭାରତ ଗସ୍ତ ଅବସରରେ ତିସ୍ତା ନଦୀ ଜଳ ସଂରକ୍ଷଣ ଏବଂ ପରିଚାଳନା ଉପରେ ଆଲୋଚନା କରିବାକୁ ସହମତି ପ୍ରଦାନ କରିଛନ୍ତି ।

## ଗୁଜୁରାଟ ବସ୍ ଆକ୍ସିଡେଣ୍ଟ

ଗୁଜୁରାଟର ଅହମ୍ମଦାବାଦ-ଭଦୋଦରା ଏକ୍ସପ୍ରେସ୍ ଓ୍ୱେରେ ଆଜି ଏକ ସଡ଼କ ଦୁର୍ଘଟଣାରେ ଅନ୍ୟୂନ ୬ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ଜଣ ଆହତ ହୋଇଛନ୍ତି । ଆମ ସମ୍ବାଦଦାତାଙ୍କ ରିପୋର୍ଟ ଅନୁସାରେ ଆନନ୍ଦ ନିକଟସ୍ଥ ଚିଖୋରା ଗାଁ ପାଖରେ ଏକ ଟ୍ରକ୍ ରାସ୍ତା କଡରେ ଠିଆ ହୋଇଥିବା ବସ୍‌କୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା । ଟାୟାର ଫାଟିଯିବାରୁ ବସ୍‌ଟି ରାସ୍ତାକଡ଼ରେ ଅଟକି ରହିଥିଲା । ଆନନ୍ଦ ଗ୍ରାମୀଣ ପୁଲିସର ସୂଚନା ଅନୁସାରେ ବସ୍ ଡ୍ରାଇଭରଙ୍କ ସମେତ ୫ଜଣଙ୍କର

ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଅନ୍ୟଜଣେ ଆହତଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି । ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ମୃତକଙ୍କର ଚିହ୍ନଟ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

## ଜୟଶଙ୍କର - ମାର୍ଶଲ ଇଜ୍‌ଲ୍ୟାଣ୍ଡ

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର କହିଛନ୍ତି ଭାରତ ଏବଂ ମାର୍ଶଲ ଦ୍ୱୀପପୁଞ୍ଜ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବହୁ ପୁରାତନ । ସମୟକ୍ରମେ ମଧ୍ୟ ଏହା ଅଧିକ ଦୃଢ଼ୀଭୂତ ହୋଇଛି । ମାର୍ଶଲ ଦ୍ୱୀପପୁଞ୍ଜର ୪ଟି ଗୋଷ୍ଠୀ ବିକାଶ ପ୍ରକଳ୍ପର କାର୍ଯ୍ୟକାରୀତା ନେଇ ବୁଝାମଣାପତ୍ର ସ୍ୱାକ୍ଷରିତ ହେବା ପରିପ୍ରେକ୍ଷୀରେ ମନ୍ତ୍ରୀ ଡକ୍ଟର ଜୟଶଙ୍କର କହିଛନ୍ତି ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଏହି ଦ୍ୱୀପପୁଞ୍ଜ ଏକ ବୃହତ୍ ସାମୁଦ୍ରିକ ଦେଶ ଭାବେ ପରିଗଣିତ ହୋଇଥାଏ । ଏହି ଅଞ୍ଚଳର ନିରନ୍ତର ବିକାଶ ପାଇଁ ଭାରତ ସର୍ବଦା ସହଯୋଗ ପ୍ରଦାନ କରିଆସିଛି ବୋଲି ଶ୍ରୀ ଜୟଶଙ୍କର କହିଛନ୍ତି । ଜଳବାୟୁ ପରବର୍ତ୍ତନ, ପ୍ରାକୃତିକ ବିପର୍ଯ୍ୟୟ, ଦାରିଦ୍ର୍ୟ ଦୂରୀକରଣ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରର ଆହ୍ୱାନକୁ ପ୍ରତିହତ କରିବାରେ ଭାରତ ଏବଂ ମାର୍ଶଲ ଦ୍ୱୀପୁଞ୍ଜ ମିଳିତ ଭାବେ କାର୍ଯ୍ୟ କରିବା ଉପରେ ଡକ୍ଟର ଜୟଶଙ୍କର ଗୁରୁତ୍ୱାରୋପ କରିଛନ୍ତି ।

# ଟ୍ରମ୍ପ-ଆଟାକ

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ତାଙ୍କ ରିପବ୍ଲିକାନ୍ ପ୍ରତିଦ୍ୱନ୍ଦ୍ୱି ଡୋନାଲ୍ଡ ଟ୍ରମ୍ପ ଆମେରିକା ଜନସାଧାରଣ ରାଜନୈତିକ ବିଭାଜନରୁ ଦୂରରେ ରହି ଏକାଠି ହେବାକୁ ଆହ୍ୱାନ ଦେଇଛନ୍ତି । ପେନ୍‌ସିଲ୍ ଭନିଆରେ ଏକ ହତ୍ୟା ଉଦ୍ୟମରୁ ରକ୍ଷା ପାଇଥିବା ଶ୍ରୀ ଟ୍ରମ୍ପ କହିଛନ୍ତି ରିପବ୍ଲିକାନ୍ ଜାତୀୟ ସମ୍ମିଳନୀରେ ତାଙ୍କର ଆଗାମୀ ଅଭିଭାଷଣ ରାଷ୍ଟ୍ରପତି ବାଇଡେନ୍‌ଙ୍କୁ ସମାଲୋଚନା କରିବା ପରିବର୍ତ୍ତେ ଦେଶର ଏକତା ଆଣିବା ଉପରେ କେନ୍ଦ୍ରୀଭୂତ କରିବ । ଉତ୍ତରପୂର୍ବ ରାଜ୍ୟ ପେନ୍‌ସିଲ୍ ଭାନିଆର ଏକ ନିର୍ବାଚନୀ ର୍‍ୟାଲିରେ ଶ୍ରୀ ଟ୍ରମ୍ପଙ୍କ ଉପରେ ଗୁଳି ଚଳାଇଥିବା ବନ୍ଧୁକଧାରୀର ଆମେରିକା ଗୁଇନ୍ଦା ସଂସ୍ଥାର ଗୁଳିମାଡ଼ରେ ମୃତ୍ୟୁ ହୋଇଛି । ଶ୍ରୀ ଟ୍ରମ୍ପ ଆସନ୍ତା ଗୁରୁବାର ଦିନ ରିପବ୍ଲିକ୍ ଦଳର ଜାତୀୟ ସମ୍ମଳନୀକୁ ସମ୍ବୋଧିତ କରିବେ ।

# ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ । ଆଜି ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ ରହିଛି **ଉଚ୍ଚ ରକ୍ତଚାପ ନିୟନ୍ତ୍ରଣର ଉପାୟ ଏବଂ ଏହାର ସମାଧାନ** ।

ଦିଲ୍ଲୀ ଏମ୍ସର ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡକ୍ଟର ରାକେଶ ଯାଦବ ଏବଂ ଖାଦ୍ୟ ତତ୍ତ୍ୱବିଦ୍ ଡକ୍ଟର ରିଚା ଜୟସ୍ୱାଲ ଏହି ଆଲୋଚନାରେ ବିଶେଷଜ୍ଞ ଭାବେ ଅଂଶ ଗ୍ରହଣ କରି ଶ୍ରୋତାମାନେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ । ଶ୍ରୋତାମାନେ 011-23421050 ଓ 011-23314444 ନମ୍ବରରେ ରାତି ୯ଟା ୩୦ ମିନିଟ୍ ପରଠାରୁ ଫୋନ୍ କରି ନିଜର ପ୍ରଶ୍ନ ପଚାରି ପାରିବେ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍‌ସଆପ୍ କରି କିମ୍ବା ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ହାସଟ୍ୟାଗ୍ ଆସ୍କ ଏୟାର୍ ସହିତ ପ୍ରଶ୍ନ ପଠାଇ ପାରିବେ । ଏହି କାର୍ଯ୍ୟକ୍ରମ ଆକାଶବାଣୀ ଗୋଲ୍‌ଡ ଚ୍ୟାନେଲ୍ ଓ ଅତିରିକ୍ତ ଫ୍ରିକ୍ୱେନ୍ସି ଗୁଡ଼ିକରୁ ଶୁଣାଯାଇ ପାରିବ । ଏହା ବ୍ୟତୀତ ଆମର ୱେବ୍‌ସାଇଟ୍ news on air.gov.in ଓ ୟୁଟ୍ୟୁବ୍ ଚ୍ୟାନେଲ୍ news on air official ରେ ଏହା ଉପଲବ୍ଧ ହେବ ।

## ଫୁଟବଲ

ଆର୍ଜେଣ୍ଟିନା କୋପା ଆମେରିକା ଫୁଟବଲ ଚାମ୍ପିୟନସିପ୍ ବିଜୟୀ ହୋଇଛି । ମିଆମିସ୍ଥିତ ହାଡରକ୍ ଷ୍ଟଡିୟମଠାରେ ଆଜି ସକାଳେ ଅନୁଷ୍ଠିତ ଫାଇନାଲ ମ୍ୟାଚ୍‌ରେ ଆର୍ଜେଣ୍ଟିନା କଲମ୍ବିଆକୁ ୧-୦ ଗୋଲ୍‌ରେ ପରାସ୍ତ କରିଛି । ଦଳପକ୍ଷରୁ ଲାଉଟାରୋ ମାର୍ଟିନେଜ୍ ବିଜୟସୂଚକ ଗୋଲ୍‌ଟି

ସ୍କୋର କରିଥିଲେ । ନିର୍ଦ୍ଧାରିତ ସମୟର ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହେବାରୁ ଅତିରିକ୍ତ ସମୟର ଖେଳ ଅନୁଷ୍ଠିତ ହୋଇଥିଲା । ଅତରିକ୍ତ ସମୟର ଦ୍ୱିତୀୟାର୍ଦ୍ଧରେ ମାର୍ଟିନେଜ୍ ଆର୍ଜେଣ୍ଟିନା ପକ୍ଷରୁ ଗୋଲ୍ ଦେଇଥିଲେ ।

ଷଷ୍ଠଦଶ ଥର ପାଇଁ ଆର୍ଜେଣ୍ଟିନା କୋପା ଆମେରିକା ଫୁଟବଲ ଚାମ୍ପିୟନସିପ୍ ଟାଇଟଲ ହାସଲ କରିଛି । ଶ୍ରେଷ୍ଠ ଖେଳାଳି ଭାବେ ମାର୍ଟିନେଜ୍ ସୁନା ବୁଟ୍ ପାଇଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ମାର୍ଟିନେଜ୍ ୫ଟି ଗୋଲ୍ ସ୍କୋର୍ କରିଛନ୍ତି । ୨୦୨୨ କାତାର ଫିଫା ୱାର୍ଲ୍ଡକପ୍ ଫୁଟବଲ ପ୍ରତିଯୋଗିତାରେ ଆର୍ଜେଣ୍ଟିନା ଚାମ୍ପିୟନ ହୋଇଥିଲା ।

ଅନ୍ୟପକ୍ଷରେ ସ୍ପେନ୍ ୟୁରୋକପ୍-୨୦୨୪ ଫୁଟ୍‌ବଲ୍ ଚମ୍ପିୟାନ୍ ହୋଇଛି । ଫାଇନାଲ୍ ମ୍ୟାଚ୍‌ରେ ଗତକାଲି ସ୍ପେନ୍ ଇଂଲଣ୍ଡକୁ ୨-୧ ଗୋଲ୍‌ରେ ପରାସ୍ତ କରିଥିଲା ।